

# ୨୬

# ଭାରତୀୟ ସମାଜ : ଜନଜାତି, ଗ୍ରାମ୍ୟ ଓ ପୌର ସମାଜ

## (Indian Society : Tribal, Rural and Urban)

ଭାରତୀୟ ସମାଜ ତାର ଭୌଗୋଳିକ ପରିସ୍ଥିତି ଓ ସାମାଜିକ-ସାଂସ୍କୃତିକ ବୈଶିଷ୍ଟ୍ୟକୁ ନେଇ ମୁଖ୍ୟତଃ ତିନି ଭାଗରେ ବିଭକ୍ତ ହୋଇଅଛି ଯଥା- ଜନଜାତି ସମାଜ, ଗ୍ରାମ୍ୟ ସମାଜ ଓ ପୌର ସମାଜ ବା ସହରୀ ସମାଜ। ଜନଜାତି ଲୋକମାନେ ସେମାନଙ୍କର ସ୍ୱତନ୍ତ୍ର ସଂସ୍କୃତି, ଭାଷା ଓ ଧର୍ମକୁ ନେଇ ପୃଥକ ଭାବରେ ବସବାସ କରନ୍ତି। ଆଜିକାଲିର ଆଧୁନିକ ସମାଜରେ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନୁନ୍ନତ ବୋଲି ବିଚାର କରାଯାଏ। କିନ୍ତୁ ଅନ୍ୟପକ୍ଷରେ ଗ୍ରାମ୍ୟ ସମାଜଗୁଡିକ ମୁଖ୍ୟତଃ ଜାତି ଏବଂ କୃଷି ଭିତ୍ତିକ ଅର୍ଥନୀତି ଉପରେ ପର୍ଯ୍ୟବେଷ୍ଟିତ। ପୌର ସମାଜ ବା ସହରୀ ସମାଜ କଳକାରଖାନା, ଚାକିରି, ବାଣିଜ୍ୟ ବ୍ୟବସାୟ ଭଳି ଅକୃଷିଭିତ୍ତିକ ଜୀବିକା ଉପରେ ନିର୍ଭର କରିଥାଏ। ସେ ଯାହାହେଉ ଏହି ତିନିଗୋଟି ସମାଜ ମଧ୍ୟରେ ସବୁବେଳେ ସୁସମ୍ପର୍କ ଦେଖାଯାଇଥାଏ।

### ଉଦ୍ଦେଶ୍ୟ (objectives)

ଏହି ଅଧ୍ୟାୟଟି ପଢିସାରିବା ପରେ ତୁମେ ଜାଣିବାକୁ ପାଇବ।

- ଜନଜାତି ସମାଜର ବୈଶିଷ୍ଟଗୁଡିକ ବ୍ୟାଖ୍ୟା କରିବା
- ଜନଜାତି ସମାଜ ମଧ୍ୟରେ ଥିବା ପରିବର୍ତ୍ତନଗୁଡିକ ଅନୁଧାନ କରିବା
- ବିଭିନ୍ନ ଜନଜାତି ସମସ୍ୟାଗୁଡିକର ଅନୁଧାନ ଓ ସରକାରୀ ସ୍ତରରେ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡିକୁ ଜାଣିବା
- ଗ୍ରାମ୍ୟ ସମାଜର ଗୁଣଗୁଡିକୁ ଜାଣିବା,
- ଗ୍ରାମ୍ୟ ସମୁଦାୟରେ ହେଉଥିବା ପରିବର୍ତ୍ତନଗୁଡିକ ବୁଝିବା,
- ପୌର ସମାଜର ସଂଜ୍ଞା ଓ ବୈଶିଷ୍ଟ୍ୟଗୁଡିକ ଜାଣିବା ଏବଂ



- ଗ୍ରାମ୍ୟ ସମାଜ ଓ ପୌର ସମାଜ ମଧ୍ୟରେ ଥିବା ସମ୍ପର୍କକୁ ଅନୁଧ୍ୟାନ କରିବା ।

## ୨୬.୧ ଜନଜାତି ସମାଜ (Tribal Society)

ଜନଜାତି ହେଉଛି ଏକ ସମୂହର ସମଷ୍ଟି ଯାହାର ସଦସ୍ୟମାନେ ପାହାଡ, ପର୍ବତମାନଙ୍କରେ ନିଜ ସଂସ୍କୃତି, ଧର୍ମ, ଭାଷା ସହିତ ଏକ ଦୃଢ ପ୍ରଜାତିର ପରିଚୟ ଦେଇ ବାସକରିଥାନ୍ତି । ନୃତତ୍ତ୍ୱ ବିଜ୍ଞାନୀମାନେ ଜନଜାତିକୁ ଏକ ସାମାଜିକଗୋଷ୍ଠି ବୋଲି ବିଚାର କରିଥାନ୍ତି, ଯାହାର ନିର୍ଦ୍ଦିଷ୍ଟ ଭୂଖଣ୍ଡ, ସ୍ୱଜାତିବିବାହ, ଜନଜାତିମୁଖିଆ ବା ସର୍ଦ୍ଦାର ବ୍ୟବସ୍ଥା, ଗୋଟିଏ ଭାଷାରେ ବନ୍ଧା, ବଂଶାନୁକ୍ରମ, ପ୍ରଥା, ପରମ୍ପରା ଓ ବିଶ୍ୱାସ ଅନ୍ୟ ଜନଜାତି କିମ୍ବା ଜାତି ଠାରୁ ସାମାଜିକ ଦୂରତ୍ୱ ରକ୍ଷା କରିବା ଇତ୍ୟାଦି ବୈଶିଷ୍ଟ୍ୟଗୁଡିକ ଦେଖିବାକୁ ମିଳିଥାଏ ।

### ୨୬.୧.୧ ଜନଜାତି ସମାଜର ବିଭିନ୍ନ ଲକ୍ଷଣ

ଉପରଲିଖିତ ସଂଜ୍ଞାରୁ ଆମେ ଜନଜାତି ସମାଜ ସମ୍ବନ୍ଧରେ ନିମ୍ନଲିଖିତ ଲକ୍ଷଣଗୁଡିକ ଜାଣିଲେ ।

୧. ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡ ଥାଏ ।

୨. ସାଧାରଣତଃ ସେମାନେ ପାହାଡ ଓ ପର୍ବତମାନଙ୍କରେ ବାସ କରନ୍ତି ।

୩. ସେମାନଙ୍କର ନିଜସ୍ୱ ଭୌଗୋଳିକ ଅଞ୍ଚଳ ଥାଏ ଯାହାକି ଅନ୍ୟାନ୍ୟ ସାମାଜିକ ଗୋଷ୍ଠୀମାନଙ୍କଠାରୁ ଅଲଗା ହୋଇଥାଏ ।

୪. ସେମାନଙ୍କର ନିଜସ୍ୱ ସଂସ୍କୃତି, ବିଶ୍ୱାସ, ପ୍ରଥା, ପରମ୍ପରା, ସାମାଜିକ ଚଳଣୀ, ରୀତିନୀତିରେ ସମାନତା ଥାଏ ।

୫. ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ଆତ୍ମ ନିର୍ଭରଶୀଳ । ସେମାନେ ଆଜି ପର୍ଯ୍ୟନ୍ତ ପ୍ରାଚୀନ କଳକୌଶଳକୁ ଜାବୁଡି ଧରିଛନ୍ତି । ମୁଦ୍ରା ସମ୍ବନ୍ଧୀୟ କାରବାର ଅପେକ୍ଷା ଦ୍ରବ୍ୟ ବିନିମୟ ବ୍ୟବସ୍ଥା ଉପରେ ବେଶୀ ନିର୍ଭର କରିଥାନ୍ତି ।

୬. ସେମାନେ ଭବିଷ୍ୟତର ଆବଶ୍ୟକ ଅପେକ୍ଷା ବର୍ତ୍ତମାନର ଆବଶ୍ୟକତା ଉପରେ ବିଶେଷ ଭାବେ ଜୋର୍ ଦେଇଥାନ୍ତି ।

୭. ଯଦିଓ ସେମାନଙ୍କର ନିଜସ୍ୱ ଲିପି ନାହିଁ ତଥାପି ନିଜସ୍ୱ ଭାଷା ରହିଅଛି ।

୮. ସେମାନଙ୍କ ନିଜସ୍ୱ ରାଜନୈତିକ ସଂଗଠନ ଅଛି । ପୂର୍ବରୁ ସେମାନଙ୍କର ରାଷ୍ଟ୍ର ବିହୀନ ବ୍ୟବସ୍ଥା ଥିଲା ଓ କୌଣସି ଜନଜାତିର ମୁଖିଆ ବା ସର୍ଦ୍ଦାର ନଥିଲେ । ସେମାନେ ଆଇନ କାନୁନ ବ୍ୟବସ୍ଥା ପାରିବାରିକ ଓ ଜ୍ଞାତିତ୍ୱ ସମ୍ପର୍କରୁ ପରିଚାଳନା କରୁଥିଲେ । ତାପରେ ରାଷ୍ଟ୍ର ବ୍ୟବସ୍ଥା ଆସିଲା ଓ ଜନଜାତିର ଅଧିବାସୀମାନେ ସେମାନଙ୍କର ମୁଖିଆକୁ ସହମତି ଦ୍ୱାରା



କିମ୍ବା ନିର୍ବାଚନ ଦ୍ୱାରା ବାଛିଲେ। କିନ୍ତୁ ବର୍ତ୍ତମାନ ଏହି ସ୍ୱାଧୀନତା ସେମାନଙ୍କର ଆଉ ନାହିଁ। ସେମାନେ ବର୍ତ୍ତମାନ ସ୍ଥାନୀୟ ପ୍ରଶାସନର ଏକ ଅଂଶ ରୂପେ ବିବେଚନା ହେଉଛନ୍ତି ।

୯. ଯେହେତୁ ଜନଜାତି ସମାଜରେ ସଦସ୍ୟମାନଙ୍କ ପ୍ରାଥମିକ ସମ୍ପର୍କ ପରିବାର ଓ ଜ୍ଞାତିତ୍ୱ ଉପରେ ବନ୍ଧା ସେମାନଙ୍କ ସମାଜକୁ ସରଳ ସମାଜ ବୋଲି କୁହାଯାଏ ।

୧୦. ସେମାନଙ୍କର ନିଜସ୍ୱ ଧର୍ମ ରହିଅଛି ଓ ନିଜ ଦେବାଦେବୀଙ୍କ ଉପରେ ଅଗାଧ ବିଶ୍ୱାସ ଅଛି। ସେମାନଙ୍କ ଧର୍ମର ବିଭିନ୍ନ ପ୍ରକାର ଭେଦଗୁଡିକ ହେଲା- ଜୀବବାଦ Animism (ପୂର୍ବ ପୁରୁଷ ବା ଆତ୍ମାକୁ ପୂଜା କରିବା), ନିର୍ଜୀବବାଦ (Animatism) (ନିର୍ଜୀବ ବସ୍ତୁ ଯଥା ପଥର ବା କାଠ ଭଳି ବସ୍ତୁକୁ ପୂଜା କରିବା), ପ୍ରତୀକବାଦ Totemism (ବୃକ୍ଷ କିମ୍ବା ପ୍ରାଣୀକୁ ପୂର୍ବ ପୁରୁଷର ପ୍ରତିଷ୍ଠାତା ବା ସଂସ୍ଥାପକ ଭାବେ ପୂଜା କରିବା) ଏବଂ ପ୍ରକୃତିବାଦ Naturism (ପ୍ରକୃତି ଭଳି ଜିନିଷ ଅର୍ଥାତ୍ ନଦୀ, ଝରଣା, ସୂର୍ଯ୍ୟ, ଚନ୍ଦ୍ର, ପର୍ବତ ଇତ୍ୟାଦିକୁ ପୂଜା କରିବା)

୧୧. ସେମାନଙ୍କର ନିଜ ସମୁଦାୟ ପ୍ରତି ସାମୁଦାୟିକ ମନୋଭାବ (sense of belongingness) ଥାଏ । ସେମାନେ ଭାବନ୍ତି ଯେ ସେମାନେ ହେଉଛନ୍ତି ଏହି ମାଟିର ଭୂମିପୁତ୍ର ସେଥିପାଇଁ ସେମାନଙ୍କର ଏକ ଦୃଢ ପ୍ରଜାତିୟ ପରିଚୟ Ethnic identity ରହିଅଛି।

**ପାଠଗତ ପ୍ରଶ୍ନ ୨୬.୧**

ବନ୍ଧନୀ ଭିତରେ ଥିବା ଉପଯୁକ୍ତ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର।

୧. ଜନଜାତି ସମୁଦାୟ ମୁଖ୍ୟତଃ ......... ଅଞ୍ଚଳରେ ବାସ କରନ୍ତି । (ପାହାଡିଆ, ପୌରାଞ୍ଚଳ, ଶିଳ୍ପାଞ୍ଚଳ)

୨. ଜନଜାତିଙ୍କ ଅର୍ଥନୀତି ................ ସ୍ତରରେ ଦେଖାଯାଏ। (ଉନ୍ନତ, ବିକଶିତ, ପ୍ରାଚୀନ)

୩. ଜନଜାତିଙ୍କ ............... ଧର୍ମ ଅଛି । (ନିଜସ୍ୱ, ହିନ୍ଦୁ, ଖ୍ରୀଷ୍ଟିୟାନ)

୪. ଜନଜାତି ସମାଜରେ .................. ଧରଣର ଅସମାନତା (Inequality) ଦେଖାଯାଏ । (ପ୍ରଗାଢତା ସୂଚକ Intensive, ମଧ୍ୟମ moderate, କ୍ଷଣସ୍ଥାୟୀ Little)

### ୨୬.୧.୨ ଭାରତୀୟ ଜନଜାତି ସମୁଦାୟର ଶ୍ରେଣୀ ବିଭାଗୀକରଣ (Distribution of Tribal Communities in India)

ଭାରତର ସର୍ବମୋଟ ୪୬୧ଟି ଜନଜାତି ସମୁଦାୟ ବିକ୍ଷିପ୍ତ ଭାବରେ ଦେଖିବାକୁ ମିଳିଥାଏ। ୨୦୦୧ ମସିହା ଭାରତୀୟ ଜନଗଣନା ଅନୁଯାୟୀ ସେମାନଙ୍କ ମୋଟ ଜନସଂଖ୍ୟା ୮.୧ କୋଟି (ଯାହାକି ମୋଟ ଜନସଂଖ୍ୟାର ଶତକଡା ୮.୧ ଭାଗ) ସେମାନଙ୍କର ଜନସଂଖ୍ୟା ନିମ୍ନରେ ପ୍ରଦତ୍ତ ମୁଖ୍ୟତଃ ପାଞ୍ଚଟି ଅଞ୍ଚଳରେ ଦେଖିବାକୁ ମିଳିଥାଏ।



| **ବିଭିନ୍ନ ଅଞ୍ଚଳ** | **ମୁଖ୍ୟ ଜନଜାତିଗୁଡିକର ନାମ** |
|---|---|
| ଉତ୍ତର ପୂର୍ବ, ସିକିମ୍ ଓ ହିମାଳୟ ପର୍ବତାଞ୍ଚଳ | ନାଗା, ମିଜୋ, ଆଦି, ଲେପ୍‌ଚା, ଗଦ୍ଦି, ଖାସି, ଗାରୋ, ଜଇନ୍ତିଆ, ରାଜୀ, ଭୁଟିଆ, ଥାରୁ |
| ପଶ୍ଚିମାଞ୍ଚଳ | ସେହେରିଆ, ଭିଲ୍, ଗିରିସିଆ, ରେବାରୀ, ଡାଙ୍ଗ୍, ମିନା, ୱାରଲି |
| କେନ୍ଦ୍ରାଞ୍ଚଳ | ମୁଣ୍ଡା, ଓରାଓଁ, ସାନ୍ତାଳ, ଗଣ୍ଡ, ହୋ, ଚେଞ୍ଚୁ, ଭୂମିଜ୍, ବିର୍‌ହୋର, କନ୍ଧ, ସଉରା, ପରଜା |
| ଦକ୍ଷିଣାଞ୍ଚଳ | ଇରୁଲା, ଟୋଡା, ବଡ୍‌ଗା, ପାଲିୟାନ, ଚୋଲାନାଇକେନ |
| ଦ୍ୱୀପପୁଞ୍ଜ ସମୁହ | ଗ୍ରେଟ୍ ଆଣ୍ଡାମାନିଜ୍, ଜାରୱା, ଓଙ୍ଗୀ, ସେଣ୍ଟିନଲ୍ଲୋଜ, ସୋମପେନ, ନିକୋବରିଜ୍ |

ଟେବୁଲ ୨୬.୧ ଜନଜାତିଗୁଡିକର ବିଭକ୍ତକରଣ

ଜନସଂଖ୍ୟା ଦୃଷ୍ଟିରୁ ଗଣ୍ଡ ଜନଜାତିର ମୋଟ ସଂଖ୍ୟା ହେଲା ୮ ଲକ୍ଷ। ତା' ପଛରେ ଭିଲ ୭.୫ ଲକ୍ଷ, ସାନ୍ତାଳ ୫ ଲକ୍ଷ, ମିନା ୨.୨ ଲକ୍ଷ ଏବଂ ଓରାଓଁ ପ୍ରାୟ ୨ ଲକ୍ଷ ଲୋକ ବାସ କରିଥାନ୍ତି ଏବଂ ସବୁଠୁ କମ୍ ଲୋକସଂଖ୍ୟା ଜାରୱା ଜନଜାତିର ଦେଖିବାକୁ ମିଳେ ଯାହାର ସଂଖ୍ୟା ମାତ୍ର ୫୦ ଓ ଓଙ୍ଗୀ ପ୍ରାୟ ୧୦୦, ଆଣ୍ଡାମାନିଜ୍ ପ୍ରାୟ ୧୫୦ ଓ ଆରାନ୍ ଦନ ପ୍ରାୟ ୨୫୦।

### ୨୬.୧.୩ ଭାରତୀୟ ଜନଜାତିଙ୍କ ମଧ୍ୟରେ ଭାଷାଗତ ବର୍ଗୀକରଣ (Linguistic classification among tribes in India)

ଭାରତରେ ଅନେକ ଜନଜାତି ଅଛନ୍ତି ଯେଉଁମାନେ ଆର୍ଯ୍ୟ ଭାଷା ପରିବାର ସମୁହର ଅନ୍ତର୍ଭୁକ୍ତ ହୋଇନଥାନ୍ତି ଯାହାକି ଚାରି ଭାଗରେ ବିଭକ୍ତ ହୋଇଥାଏ। ଯଥା- ଅଷ୍ଟ୍ରିଓ ଏସିଆଟିକ ତିବ୍‌ବତୀ-ଚୀନା, ଦ୍ରାବିଡିୟ ଓ ଇଣ୍ଡୋ-ୟୁରୋପିଆନ୍ ଭାଷାଗତ ପରିବାର।

| **ଭାଷାଗତ ପରିବାର** | **ମୁଖ୍ୟଜନଜାତି ଭାଷା** |
|---|---|
| ଅଷ୍ଟ୍ରିଓ ଏସିଏଟିକ୍ | ଖାସି, ନିକୋବାରୀ, ସାନ୍ତାଳୀ, ହୋ ମୁଣ୍ଡାରୀ |
| ତିବବତୀ-ଚୀନ | ଭୋଟିଆ, ଲେପ୍‌ଛା, ଆବୋର, ମିରି, ଡବା, ଗାରୋ, ନାଗା ଓ ଲୁସାଇ |
| ଦ୍ରାବଡିୟ | କୋରବା, ବଡଗା, ଟୋଡା, କୋଟା, କୁଇଁ (କନ୍ଧ ଦ୍ୱାରା) ଗୋଣ୍ଡି, ମଲାର, ଓରାଓଁ |
| ଇଣ୍ଡୋ-ୟୁରୋପିଆନ | ହାଜୋଙ୍ଗ୍, ଭିଲ୍ |



## ପାଠଗତ ପ୍ରଶ୍ନ ୨୬.୨ (Intext Questions)

ସଂକ୍ଷେପରେ ଉତ୍ତର ଦିଅ ।

୧. ଭାରତର ପାଞ୍ଚଗୋଟି ମୁଖ୍ୟ ଜନଜାତିଗୁଡିକର ନାମ ଲେଖ ।

୨. ଗୋଟିଏ ମୁଖ୍ୟ ଜନଜାତିର ନାମ ଲେଖ ଯେ କି ଦ୍ରାବିଡୀୟ ଭାଷା ବ୍ୟବହାର କରିଥାଏ ।

୩. କେଉଁଠାରେ ଓଁଗୀଜ ଜନଜାତି ବସବାସ କରନ୍ତି ।

୪. ପଶ୍ଚିମାଞ୍ଚଳର ତିନିଗୋଟି ଜନଜାତିର ନାମ ଲେଖ ।

## ୨୬.୧.୪ ଜନଜାତିର ସାମାଜିକ ସଂରଚନା ଓ ସ୍ତରୀକରଣ (Tribal social structure and stratification)

ଓଡ଼ିଶାର କନ୍ଧ, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଓ ମଧ୍ୟପ୍ରଦେଶର ଭିଲ୍‌ଙ୍କ ପରି ଅନେକ ଜନଜାତି ପିତୃ-ତାନ୍ତ୍ରିକ ଓ ପିତୃବଂଶୀୟ । ପିତୃ-ବଂଶୀୟର ଅର୍ଥ ହେଲା ସବୁ ଜିନିଷର ଅର୍ଥାତ୍ ସମ୍ପତ୍ତି, କ୍ଷମତା, ବାସସ୍ଥାନ ଇତ୍ୟାଦିର ବଂଶାନୁକ୍ରମେ ପିତାଠାରୁ ପୁତ୍ର ଉତ୍ତରାଧିକାରୀ ହେବା । ଏହି ସମାଜରେ ପୁରୁଷର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ବର୍ତ୍ତମାନର ସମାଜରେ ସେମିତି କିଛି ପୁରୁଷ ପ୍ରାଧାନ୍ୟତା ଦେଖାଯାଇନଥାଏ । ଭାରତର ଅଣଜନଜାତିମାନଙ୍କ ତୁଳନାରେ ଜନଜାତି ସମାଜରେ ଉଭୟ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ସମାନତା ଦେଖାଯାଇଥାଏ । ଶିଳ୍ପ ଅର୍ଥନୀତି (Industrial Economy) ଓ ଆନୁଷ୍ଠାନିକ ସଂରଚନାର (Formal structure) ଅଭାବରୁ ଜନଜାତି ସାମାଜିକ ସଂରଚନା ପୁରାପୁରି ଭାବରେ ଜ୍ଞାତିତ୍ୱ, ଯଥା- ଗୋତ୍ର (clan), ବଂଶ (lineage) ଓ ପରିବାର ଉପରେ ନିର୍ଭର କରେ । ଆଉ କେତେକ ଜନଜାତି ହେଉଛନ୍ତି ମାତୃତାନ୍ତ୍ରିକ ଯଥା : ମେଘାଳୟର ଗାରୋ ଓ ଖାସି ଜନଜାତି । ପ୍ରକୃତରେ ପ୍ରଥମରୁ ସାମାଜିକ ସ୍ତରୀକରଣ ସେମାନଙ୍କର ନଥିଲା । କାଳକ୍ରମେ ଏହା ଦୁଇ ଭାଗରେ ବିଭକ୍ତ ହେଲା- ବଂଶାନୁଗତିକ ଶାସକ ଗୋଷ୍ଠୀ ଏବଂ ଅନ୍ୟମାନେ । ଅର୍ଥନୈତିକ ଦୃଷ୍ଟିକୋଣରୁ ସେଗୁଡ଼ିକୁ ସମତାବାଦୀ ସମାଜ (Egalitarian society) କୁହାଗଲା । କିନ୍ତୁ ବାହ୍ୟ ଲୋକ ତଥା ଅଣ ଜନଜାତିମାନଙ୍କ ସଂସ୍ପର୍ଶରେ ଆସିବା ପରେ କେତେକ ଅସମାନତା ସେମାନଙ୍କ ଭିତରକୁ ପ୍ରବେଶ କଲା ।

## ୨୬.୧.୫ ଜନଜାତି ସମସ୍ୟା (Tribal Problems)

ବାହ୍ୟ ବ୍ୟକ୍ତିବିଶେଷଙ୍କ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କ ମଧ୍ୟରେ କେତେକ ସମସ୍ୟା ଦେଖାଦେଲା । ମୁସଲ୍‌ମାନ୍ ଶାସନ ପୂର୍ବରୁ ଜନଜାତି ଲୋକେ ଏକୁଟିଆ ଭାବେ ବେଶ ସୁରୁଖୁରୁରେ ଚଳି ଆସୁଥିଲେ । ମୁସଲ୍‌ମାନ୍‌ମାନଙ୍କ ରାଜତ୍ୱ ସମୟରେ ଖଜଣା ଆଦାୟ ବ୍ୟବସ୍ଥା ଆରମ୍ଭ ହେଲା ।



କିନ୍ତୁ ମୁସଲ୍‌ମାନ ଶାସକମାନେ ଜନଜାତି ପ୍ରଥା, ପରମ୍ପରା ପ୍ରତି କୌଣସି ପ୍ରତିବନ୍ଧକ ସୃଷ୍ଟି କରୁନଥିଲେ । କିନ୍ତୁ ନିମ୍ନଲିଖିତ ତିନିଗୋଟି କାରଣ ଯୋଗୁଁ ଇଂରେଜ ଶାସନ ଅମଳରେ ସେମାନଙ୍କ ଉପରେ ଶୋଷଣର ଆରମ୍ଭ ହେଲା ।

(କ) ଇଂରେଜମାନେ ଜନଜାତିମାନଙ୍କୁ ଶାସନ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ।

(ଖ) ସେମାନେ ଖଣିଜ ସମ୍ପଦରେ ଭରପୁର ଜନଜାତି ଅଞ୍ଚଳକୁ ଧ୍ୱଂସ କରିବାକୁ ଚେଷ୍ଟା କଲେ ।

(ଗ) ତୃତୀୟରେ ସେମାନେ ବିଶେଷ ଭାବରେ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର କରିବାରେ ଲାଗିଲେ ।

ଏହାପରେ ସେମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ନିମ୍ନଲିଖିତ କାରଣରୁ ଦେଖାଦେଲା ।

(୧) ଜନଜାତି ଅଞ୍ଚଳଗୁଡିକ ଖଣିଜ ସମ୍ପଦରେ ଭରପୁର ଥିଲା ।

(୨) ଶାସକ ଗୋଷ୍ଠି ଏବଂ ଧର୍ମ ପ୍ରଚାରକମାନ ଜନଜାତି ଅଞ୍ଚଳକୁ ଆଗମନ କଲେ ।

(୩) ବିଶେଷଗୁଣ ଥିବା ବ୍ୟକ୍ତିବିଶେଷ ଯଥା- ଚିକିତ୍ସକ, ବିଭିନ୍ନ ପ୍ରତିନିଧି ଓ ଜମି କ୍ରେତାମାନେ ଜନଜାତି ଅଞ୍ଚଳକୁ ଆଗମନ କଲେ ।

(୪) ପରିବହନ ଓ ଯୋଗାଯୋଗର ବ୍ୟବସ୍ଥା ହେତୁ ଜନଜାତି ଅଞ୍ଚଳରେ ବିକାଶ ଘଟିଲା ଯାହାକି ବାହ୍ୟ ଅଞ୍ଚଳର ଲୋକଙ୍କ ପାଇଁ ସୁଯୋଗ ଆଣିଦେଲା ।

(୫) ଜନଜାତି ଅଞ୍ଚଳରେ ଅନେକ କଳକାରଖାନା, ଜଳ ବିଦ୍ୟୁତ୍ ଯୋଜନା ଏବଂ ଜଳସେଚନ ଯୋଜନାଗୁଡିକ ହେବା ଫଳରେ ଜନଜାତିମାନଙ୍କର ସ୍ଥାନଚ୍ୟୁତ ହେଲା ।

ଏହିପରି ଭାବରେ ଅନେକ ଜନଜାତି ସମସ୍ୟା ସାଂସ୍କୃତିକ କାରଣ ଯୋଗୁଁ ଦେଖାଦେଇଥିଲା । ଯାହାକି ନିମ୍ନରେ ଆଲୋଚନା କରାଗଲା ।

**(କ) ଜମିସ୍ୱତ୍ତ୍ୱ ହସ୍ତାନ୍ତର** (Land alienation) : ମୁଦ୍ରା ଅର୍ଥନୀତିର ପ୍ରଚଳନ ଯୋଗୁଁ ଜନଜାତିଙ୍କର ଜମିସ୍ୱତ୍ତ୍ୱ ହସ୍ତାନ୍ତର ସମସ୍ୟା ଦେଖଦେଇଛି । ପ୍ରତ୍ୟେକ ଧରଣର ଆବଶ୍ୟକତା ପୂରଣ ପାଇଁ ଟଙ୍କାର ଆବଶ୍ୟକତା ପଡିଥାଏ କିନ୍ତୁ ଜନଜାତିମାନଙ୍କ ପାଖରେ କୌଣସି ରୋଜଗାର ପନ୍ଥା ନଥିଲା । ତେଣୁ ସେମାନେ ଜମିକୁ ବନ୍ଧା ପକାଇଥିଲେ କିମ୍ବା ବିକ୍ରି କରୁଥିଲେ । ଏହାଛଡ଼ା ବାହାର ଲୋକମାନେ ଜନଜାତିଙ୍କ ଜମି ଅତି କମ୍ ମୂଲ୍ୟରେ କିଣି ଶୋଷଣ କରୁଛନ୍ତି । ପୁନଶ୍ଚ, ସରକାରଙ୍କ ଦ୍ୱାରା ମଧ୍ୟ ଶିଳ୍ପ ପ୍ରତିଷ୍ଠାନଗୁଡିକ ପାଇଁ ଜମି ଅଧିଗ୍ରହଣ କରାଯାଇଅଛି । ଅବଶ୍ୟ, କେତେକ ରାଜ୍ୟ ସରକାର ଜନଜାତିଙ୍କ ଜମି ଅଣଜନଜାତି ଲୋକଙ୍କୁ ବିକ୍ରି ନକରିବା ପାଇଁ କେତେକ ବିଧେୟ ବା ଆଇନ୍ ଆଣିଛନ୍ତି ।



**(ଖ) ଋଣଗ୍ରସ୍ତତା (Indebtedness)** : ଜନଜାତିମାନେ ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ଓ ରୋଜଗାରର ପନ୍ଥା ଅଭାବରୁ ଋଣ କରିବା ପାଇଁ ବାଧ୍ୟ ହୋଇଥାନ୍ତି । ଏଣୁ ମହାଜନ ଓ ସାହୁକାରଙ୍କ ଠାରୁ ବେଶୀ ସୁଧରେ ସେମାନଙ୍କୁ ଋଣ ନେବାକୁ ପଡିଥାଏ । ବିବାହ, ବ୍ରତ, ମୃତ୍ୟୁ, ସାମାଜିକ ଓ ଧାର୍ମିକ ପର୍ବ ପର୍ବାଣିରେ ବ୍ୟୟବହୁଳ ଖର୍ଚ୍ଚ ହେତୁ ସେମାନେ ଧାର କରିବା ପାଇଁ ବାଧ୍ୟ ହୋଇଥାନ୍ତି । ଅବଶ୍ୟ ଏବେ କେତେକ ରାଜ୍ୟ ସରକାର ଏ ସମସ୍ୟାର ସମାଧାନ ପାଇଁ କେତେକ ଆଇନ ପ୍ରଣୟନ କରିଛନ୍ତି ଓ ବିଭିନ୍ନ ବ୍ୟାଙ୍କ ଓ ସହଯୋଗ ସମିତି ସହାୟତାରେ କମ୍ ସୁଧରେ ଟଙ୍କା ଧାରରେ ଦେବା ବ୍ୟବସ୍ଥା କରିଛନ୍ତି ।

**(ଗ) ବନ୍ଧାଶ୍ରମିକ (Bonded Labour)** : ଆମ ସମାଜରେ ବନ୍ଧା ଶ୍ରମିକ ହେଉଛି ଏକ ବଡ଼ ସମସ୍ୟା ଯାହାକି ଅତ୍ୟଧିକ ଦାରିଦ୍ର୍ୟ ହେତୁ ଆସିଥାଏ । ପ୍ରକୃତରେ ଜମିସ୍ୱତ୍ୱ ହସ୍ତାନ୍ତର, ଋଣଗ୍ରସ୍ତତା, ବନ୍ଧାଶ୍ରମିକ ଓ ଦାରିଦ୍ର୍ୟ ସମସ୍ୟାଗୁଡିକ ଓତପ୍ରୋତ ଭାବେ ଜଡିତ । ଜନଜାତିର ଲୋକେ, ସେମାନଙ୍କର ବିଭିନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ମହାଜନ ବା ସାହୁକାରଠାରୁ ଜମି ବନ୍ଧା ପକାଇ ଟଙ୍କା ଧାର ଆଣିଥାନ୍ତି ଓ ପରିଶୋଧ କରିନପାରି ବନ୍ଧାଶ୍ରମିକ ହିସାବରେ କାମ କରିବା ପାଇଁ ବାଧ୍ୟ ହୁଅନ୍ତି ।

**(ଘ) ସ୍ଥାନ ପରିବର୍ତ୍ତନ ଚାଷ ବା ପୋଡୁ ଚାଷ (Shifting Cultivation):** ସ୍ଥାନ ପରିବର୍ତ୍ତନ ଚାଷ ବା ପୋଡୁ ଚାଷ ଜନଜାତି ମଧ୍ୟରେ ଏକ ସମସ୍ୟା ଯେହେତୁ ଏହା ଜଙ୍ଗଲ ବା ଗଛ କଟା କାରଣରୁ ହୋଇଥାଏ । ସ୍ଥାନ ପରିବର୍ତ୍ତନ ଚାଷ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ନାମରେ ପରିଚିତ । ଯଥା- ଉତ୍ତର ପୂର୍ବ ଜନଜାତି ଏହାକୁ 'ଝୁମ୍' । ବିହାରର ମଲାର ଜନଜାତି 'ଖଲ୍ଲୁ' ଏବଂ ଓଡ଼ିଶାର ପରଜା ଓ କନ୍ଧମାନେ 'ପୋଡୁ' ଚାଷ ବୋଲି କହିଥାନ୍ତି । ସାଧାରଣତଃ ଗୋଟିଏ ଅଞ୍ଚଳ ପୋଡୁଚାଷ ପାଇଁ ଏକ ବର୍ଷ ବା ଦୁଇବର୍ଷ ପାଇଁ ବ୍ୟବହୃତ ହୋଇଥାଏ । ତାପରେ ଏହାକୁ ୫/୬ ବର୍ଷ ପାଇଁ କୌଣସି ଚାଷ ନକରି ଛାଡି ଦିଆଯାଇଥାଏ । ପୋଡୁ ଚାଷରେ ମୁଖ୍ୟତଃ ଜନଜାତିମାନେ ବାଜ୍ରା, ହରଡ ଡାଲି, ଝୁଡଙ୍ଗ ବା ବିଭିନ୍ନ ଚଣା ଜାତୀୟ ଫସଲ ଚାଷ କରିଥାନ୍ତି ।

**(ଙ) ନିରକ୍ଷରତା (Illiteracy)** : ନୀରକ୍ଷରତା ଜନଜାତି ସମାଜରେ ସେମାନଙ୍କ ବିକାଶ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ । ଜନଜାତି ଅଞ୍ଚଳରେ ବିଭିନ୍ନ ଅସୁବିଧା ଥିବା ହେତୁ ଶିକ୍ଷା ସେମାନଙ୍କ ପାଖରେ ପହଞ୍ଚି ପାରିନାହିଁ । କିନ୍ତୁ ଆଜିକାଲି ଗୋଟିଏ କିଲୋମିଟର ପରିସର ମଧ୍ୟରେ ଶିକ୍ଷା ପ୍ରଦାନ ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡିକ ଖୋଲାଯାଇଅଛି ।

**(ଚ) ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସମସ୍ୟା (Problem of Health and Nutrition)** : ଜନଜାତିର ଲୋକମାନେ ଉପଯୁକ୍ତ ଚିକିତ୍ସା ଅଭାବ, ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସୁବିଧାର

ଅଭାବ ଓ ଦାରିଦ୍ର୍ୟ ହେତୁ ମୃତ୍ୟୁ ମୁଖରେ ପଡିଥାନ୍ତି । ଅତୀତରେ ସେମାନେ ଜଙ୍ଗଲର ଗଛର ପତ୍ର, ଚେରମୂଳି ଖାଇ କିମ୍ବା ଝଡା, ଫୁଙ୍କା, ଗୁଣି ଗାରେଡି ମାଧ୍ୟମରେ ଚିକିତ୍ସା କରିଥାନ୍ତି । କିନ୍ତୁ ଆଜିକାଲି ସମାଜ ବଦଳିବାରେ ଲାଗିଛି । ସରକାର ଜନଜାତିର ସଦସ୍ୟମାନଙ୍କ ପାଇଁ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ମେଲେରିଆ, ହଇଜା, କାମଳ ରୋଗ, ବସନ୍ତ, ଫାଇଲେରିଆ, ଏଡ୍‌ସ ଆଦିର ଦୂରୀକରଣ ପାଇଁ ଚିକିତ୍ସାମାନ କରାଯାଉଅଛି । ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବାପାଇଁ ଅନେକ ସ୍ୱାସ୍ଥ୍ୟ ଶିବିର ତଥା ପ୍ରତ୍ୟେକ ଗାଁରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନ ଖୋଲାଯାଇଅଛି ।

## ପାଠଗତ ପ୍ରଶ୍ନ ୨୬.୩

ସଂକ୍ଷିପ୍ତରେ ଲେଖ

୧) ଜନାଜାତିମାନଙ୍କର ଜମିସ୍ୱତ୍ତ୍ୱ ହସ୍ତାନ୍ତର ମୁଖ୍ୟ କାରଣ ଲେଖ ।

୨) ସ୍ଥାନ ପରିବର୍ତ୍ତନ ଚାଷ ବା ପୋଡୁ ଚାଷ କାହାକୁ କୁହାଯାଏ ?

୩) ଜନଜାତି ଲୋକେ ଆନୁଷ୍ଠାନିକ ଶିକ୍ଷା ପାଇଁ କାହିଁକି ବିଶେଷ ଇଚ୍ଛା ପ୍ରକାଶ କରନ୍ତି ନାହିଁ ?

୪) ବନ୍ଧା ଶ୍ରମିକର ମୁଖ୍ୟ କାରଣ କ'ଣ ?

## ୨୬.୨ ଗ୍ରାମ୍ୟ ସମାଜ (Rural Society)

ଗ୍ରାମ୍ୟ ସମାଜ ସାଧାରଣତଃ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କର ସମାଜକୁ ବୁଝାଏ ଯାହାକି ପୁରାପୁରି ପ୍ରାକୃତିକ ପରିବେଶ ଉପରେ ନିର୍ଭର କରିଥାଏ । ଗ୍ରାମ୍ୟ ଅର୍ଥନୀତି ମୁଖ୍ୟତଃ ଚାଷ ଉପରେ ନିର୍ଭର କରେ । ଗ୍ରାମ୍ୟ ସମୁଦାୟମାନଙ୍କରେ ଜନସଂଖ୍ୟାରେ କ୍ଷୁଦ୍ରତା, ଆତ୍ମନିର୍ଭରଶୀଳତା, ଗୋଷ୍ଠୀ ମଧ୍ୟରେ ନିବିଡ ସମ୍ପର୍କ ଏବଂ ମୁକ୍ତପ୍ରଥା ଓ ପରମ୍ପରା ଦେଖାଯାଇଥାଏ । ଗ୍ରାମ୍ୟ ସମାଜଗୁଡିକ ସଂସ୍କୃତି ପ୍ରଥା, ପରମ୍ପରା କ୍ଷେତ୍ରରେ ବେଶ ସଂଗତି ସମ୍ପନ୍ନ । କିନ୍ତୁ ଆଧୁନିକ ସମାଜ ହିସାବରେ ସେଗୁଡିକ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କମ୍ ବିକଶିତ । ସେଥିପାଇଁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଆମ ଦେଶରେ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

### ୨୬.୨.୧. ଗ୍ରାମ୍ୟ ସମାଜର ଲକ୍ଷଣ

ଗ୍ରାମ୍ୟ ସମାଜରେ ନିମ୍ନଲିଖିତ ବୈଶିଷ୍ଟ୍ୟ ବା ଲକ୍ଷଣଗୁଡିକ ଦେଖିବାକୁ ମିଳେ ।

୧) କୃଷି ହେଉଛି ଗ୍ରାମ୍ୟ ସମାଜର ମୁଖ୍ୟ ବୃତ୍ତି । ଏହା କେବଳ ସେମାନଙ୍କୁ ରୋଜଗାରର ପନ୍ଥା ଦେଖାଇନଥାଏ ବରଂ ଏହା ଗାଁ ଲୋକମାନଙ୍କର ଜୀବନଧାରା ବା ପ୍ରଣାଳୀ ।



୨) ଗ୍ରାମ୍ୟ ସମୁଦାୟ ଆକାରରେ କ୍ଷୁଦ୍ର । ଏହାର ଅର୍ଥ ହେଲା ଜନସଂଖ୍ୟା ଦୃଷ୍ଟିରୁ ଗ୍ରାମରେ ସହର ତୁଳନାରେ କମ୍ ଲୋକ ବାସ କରନ୍ତି ।

୩) ଗ୍ରାମ୍ୟ ସମୁଦାୟର ସଦସ୍ୟମାନଙ୍କ ମଧ୍ୟରେ ପ୍ରାଥମିକଗୋଷ୍ଠୀ ସମ୍ପର୍କ ବା ମୁହାଁମୁହିଁ ଦେଖାଯାଇଥାଏ ।

୪) ସେମାନଙ୍କ ସାମାଜିକ ସଂରଚନା ଜ୍ଞାତିତ୍ୱ ଏବଂ ପାରିବାରିକ ସମ୍ପର୍କରେ ଗଢା ଯାଇଥାଏ । ଏଠାରେ ବଂଶର ଭୂମିକାକୁ ପ୍ରାଧାନ୍ୟ ଦିଆଯାଏ ।

୫) ମୁଖ୍ୟତଃ ସେମାନେ ଯୌଥପରିବାରରେ ବାସ କରନ୍ତି । ଗୋଟିଏ ଯୌଥପରିବାର ଦଳେ ଲୋକଙ୍କ ସମଷ୍ଟି ଯେଉଁଠି ସେମାନେ ଗୋଟିଏ ଘରେ ବାସ କରନ୍ତି । ଗୋଟିଏ ଚୂଲିରେ ରନ୍ଧା ଯାଇଥିବା ଖାଦ୍ୟ ଏକାସଂଗରେ ଖାଆନ୍ତି ଓ ଧନ ସମ୍ପତ୍ତି ସେମାନଙ୍କର ଏକ । ସମୂହ ପୂଜା ଅର୍ଚ୍ଚନା କରିଥାନ୍ତି, ବୟସ୍କ ପୁରୁଷ ବ୍ୟକ୍ତି ଘରର ମୁଖ୍ୟକର୍ତ୍ତା ହୋଇଥାନ୍ତି । ଏକକ ପରିବାର ଅପେକ୍ଷା ଯୌଥ ପରିବାରରେ ଅନେକ ପୁରୁଷର ବନ୍ଧନ (ବଂଶ ବିସ୍ତାର) (Generation bondage) ଦେଖାଯାଇଥାଏ ।

୬) ବିଭିନ୍ନ ବିଧିବିଧାନ ପ୍ରଥା, ପରମ୍ପରା ଓ ଦେବାଦେବୀଙ୍କ ବିଶ୍ୱାସ କ୍ଷେତ୍ରରେ ସେମାନେ ଅଧିକ ରକ୍ଷଣଶୀଳ ଓ ପୁରୁଣା ସଂସ୍କୃତିକୁ ଜାବୁଡ଼ି ଧରିଥାନ୍ତି ।

୭) ଦଳଗତ ଭାବନା (Group feeling) ଓ ପାରସ୍ପରିକ ସହଯୋଗ (Mutual co-operation) ଗ୍ରାମ୍ୟ ସମାଜରେ ଅତି ସୁଦୃଢ ଯାହାକି ଏକ ଭାଇଚାରା ଭାବନାର (Brotherhood feeling) ପ୍ରମାଣ ଦିଏ । ତେଣୁ ଆବଶ୍ୟକସ୍ଥଳେ ଆମଭାବନା, ପାରସ୍ପାରିକ ସହଯୋଗ ଓ ଐକ୍ୟ ମନୋଭାବ ଗ୍ରାମବାସୀଙ୍କ ମନରେ ଦେଖାଯାଇଥାଏ ।

୮) ସେମାନଙ୍କ ସଂସ୍କୃତିକୁ ଲୋକ ସଂସ୍କୃତି କୁହାଯାଏ ଯାହାର ପ୍ରଥା ବିଧିବିଧାନ ପରମ୍ପରା, ମୂଲ୍ୟବୋଧ ଇତ୍ୟାଦି ଅଲିଖିତ ଅର୍ଥାତ୍ ମୌଖିକ ଭାବରେ ପ୍ରସାରିତ ହୋଇଥାଏ । ଯେହେତୁ ସେମାନଙ୍କ ପୃଷ୍ଠପଟରେ ଏକକ ସାମାଜିକ ଅର୍ଥନୀତି ଦେଖାଯାଏ, ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଇନଥାଏ । ତେଣୁ ସଦସ୍ୟମାନଙ୍କ ମଧ୍ୟରେ ସମଜାତିୟତା ଦେଖାଯାଇଥାଏ ।

୯) କୃଷି, ହେଉଛି ଗ୍ରାମ୍ୟ ସମୁଦାୟର ମେରୁଦଣ୍ଡ । ସେମାନଙ୍କ ଅର୍ଥନୀତି କହିଲେ ଚାଷ କାର୍ଯ୍ୟକୁ ବୁଝାଇଥାଏ । ଯାହାକି କେବଳ ଗୋଟିଏ ଫସଲ; ପୁରୁଣା କାଳର ପଦ୍ଧତି ଦ୍ୱାରା ଚାଷ ହୋଇଥାଏ । ଉପଯୁକ୍ତ ବଜାର ସୁବିଧାର ଅଭାବ ଏବଂ ମୁଦ୍ରା ଅର୍ଥନୀତିର ପ୍ରଚଳନ ଇତ୍ୟାଦି ମଣିଷକୁ ଦାରିଦ୍ର୍ୟ ଆଡକୁ ଟାଣିନିଏ । ଏହାଛଡା କୁଟୀର ଶିଳ୍ପର ଅଧଃପତନ ମଧ୍ୟ ଗ୍ରାମବାସୀମାନଙ୍କୁ ପଡୋଶୀ ସହରମାନଙ୍କୁ କାମ ସକାଶେ ଯିବା ପାଇଁ ବାଧ୍ୟ କରେ ।

୧୦) ଗ୍ରାମାଞ୍ଚଳର ଭାରତ, ଜାତି ବ୍ୟବସ୍ଥାରେ ଆଧାରିତ । ଏହା ଉଚ୍ଚନୀଚ କ୍ରମରେ ସଜ୍ଜିତ ।



ଜାତିଗୁଡିକ ସେମାନଙ୍କର ବିଶୁଦ୍ଧତା ଓ ଅପବିତ୍ରତା, ଧାର୍ମିକ ପ୍ରଥା ଓ ନିଜର କୌଳିକ ବୃତ୍ତି ଆଧାରରେ ଉଚ୍ଚନୀଚ କ୍ରମରେ ସମାଜରେ ସଜ୍ଜିତ ହୋଇ ରହିଥାନ୍ତି । ଉଦହରଣ ସ୍ୱରୂପ- ବ୍ରାହ୍ମଣମାନେ ସମସ୍ତଙ୍କ ଉର୍ଦ୍ଧ୍ୱରେ ଥାଆନ୍ତି କାରଣ ସେମାନେ ପୂଜାପାଠ କରିବା, ପ୍ରବଚନ ଦେବା, ଶିକ୍ଷାଦାନ ଭଳି ପବିତ୍ର କାର୍ଯ୍ୟ କରିଥାନ୍ତି ଏବଂ ଅନ୍ୟପକ୍ଷରେ ଶୁଦ୍ରମାନେ ମେହେନ୍ତର ଭାବେ ଅପବିତ୍ର କାର୍ଯ୍ୟ କରି ସମାଜର ନୀଚ ସୋପାନରେ ରହିଥାନ୍ତି ।

୧୧) ଗ୍ରାମ୍ୟ ସମାଜରେ ବଞ୍ଚିବାର ଆଧୁନିକ ଜୀବନ ଶୈଳୀ ଓ ଚିନ୍ତାଧାରାର ଅଭାବ ଦେଖାଦେଇଥାଏ । ସେମାନେ ଏବେ ମଧ୍ୟ ପ୍ରଦତ୍ତ ପ୍ରସ୍ଥିତି (Ascribed status) ଅନୁଯାୟୀ ପରିଚାଳିତ । ତେଣୁ ସେମାନଙ୍କ ସାମାଜିକ ଗତିଶୀଳତା (social mobility) ସେତେ ପ୍ରଖର ନୁହେଁ ।

୧୨) ଗ୍ରାମ୍ୟ ସମାଜରେ କୌଣସି ଧରଣର ବିପଥଗାମୀ ବ୍ୟବହାରକୁ ଅତି ସହଜରେ ଗ୍ରହଣ କରାଯାଇନଥାଏ । ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଥାଏ ।

୧୩) ଯେହେତୁ ଆଧୁନିକ ଜ୍ଞାନକୌଶଳ ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଭଲଭାବେ ପହଞ୍ଚିପାରି ନାହିଁ, ଗ୍ରାମବାସୀମାନେ ଚାଷ କାର୍ଯ୍ୟ ପାଇଁ ସେମାନଙ୍କର ପାରମ୍ପରିକ ପୁରୁଣା ପଦ୍ଧତି ଅବଲମ୍ବନ କରି ଚାଲିଛନ୍ତି ଓ ଅତିକଠିନ ପରିଶ୍ରମ କରି ଜୀବିକା ନିର୍ବାହ କରିଥାନ୍ତି ।

୧୪) ଉତ୍ପାଦନ ଓ ଉତ୍ପନ୍ନ ଦ୍ରବ୍ୟର ବିନିଯୋଗ (Production and consumption) କ୍ଷେତ୍ରରେ ସେମାନେ ତୁଳନାତ୍ମକ ଭାବେ (Relatively) ଏକ ଆତ୍ମ ନିର୍ଭରଶୀଳ ଅର୍ଥନୀତି ଉପରେ ବିଶ୍ୱାସ କରିଥାନ୍ତି ।

୧୫) ସେମାନଙ୍କର ଆଧୁନିକ ଜ୍ଞାନ କୌଶଳର ଅଭାବ, ଅର୍ଥ ବିନିଯୋଗର ଅଭାବ, ବଜାର ଅର୍ଥନୀତିର ଅଭାବ ହେତୁ ଏକ ସ୍ଥିର ଅର୍ଥନୀତି ଦେଖିବାକୁ ମିଳିଥାଏ ।

୧୬) ସେମାନେ ଏକ ରକ୍ଷଣଶୀଳ ତଥା ପାରମ୍ପାରିକ ପ୍ରଣାଳୀରେ ଜୀବନ ଯାପନ କରିଥାନ୍ତି । ସେମାନଙ୍କର ଏକ ଦୃଢ ପରମ୍ପରା ବା ଐତିହ୍ୟ ଅଛି, ଯାହାକୁ କ୍ଷୁଦ୍ର ପରମ୍ପରା କୁହାଯାଏ (Little Tradition) । ସେମାନଙ୍କର ଅତୀତ ପ୍ରତି ଏକ ଦୃଢ ଆସକ୍ତ ବା ଅନୁସରଣ (Attachment) ରହିଥାଏ ।

## ପାଠଗତ ପ୍ରଶ୍ନ ୨୬.୪

ବନ୍ଧନୀରେ ଥିବା ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର ।

୧) ଗ୍ରାମ୍ୟ ସମାଜଗୁଡିକ .................... ବୃତ୍ତି ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥାନ୍ତି । (କୃଷି ଭିତ୍ତିକ, ଶିଳ୍ପ ସଂକ୍ରାନ୍ତୀୟ, ବ୍ୟବସାୟୀ ସମ୍ବନ୍ଧୀୟ)